ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୃଫୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 10-02-2026**

**କେନ୍ଦ୍ରାପଡା(ଓଡିଶା) - :2026-02-10 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-02-11 | 2026-02-12 | 2026-02-13 | 2026-02-14 | 2026-02-15 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 30.0 | 31.0 | 31.0 | 32.0 | 32.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 15.0 | 16.0 | 17.0 | 18.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 83 | 83 | 77 | 84 | 90 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 34 | 32 | 28 | 36 | 43 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 9 | 8 | 6 | 6 |
| ପବନର ଦିଗ (ଡିଗ୍ରୀ) | 291 | 289 | 281 | 315 | 281 |
| ମେଘାଚ୍ଛନ (ଅକ୍ଟା) | 1 | 2 | 1 | 3 | 1 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୬ – ୦୯ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୦ – ୩୨ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୫ – ୧୮ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| କୌଣସି ଚେତାବନୀ ନାହିଁ । |

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ନାହିଁ |

## ସାଧାରଣ ଉପଦେଶ:

| |
|---|
| □ ବର୍ତମାନ ଶୁଖିଲା ପାଗ ରହୁଥିବାରୁ ଚାଷୀ ଭାଇ ମାନେ ଆବଶ୍ୟକ ଥିଲେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ । □ ଧାନରେ ଉକୁଣିଆ ପୋକ ଦେଖାଗଲେ, ଏକର ପ୍ରତି ୮୦୦ ମି.ଲି. Azadirachtin କିମ୍ବା ୨୦୦ ମି.ଲି. Lambda cyhalothrin କିମ୍ବା Thiamethoxam ୨୫% W.G. ୪୦ ଗ୍ରାମ ପ୍ରୟୋଗ କରନ୍ତୁ । □ ଯେଉଁ ଚାଷୀ ଭାଇ ମାନେ ଧାନ ରୁଆ କାମ ସାରି ଦେଇଛନ୍ତି ଧାନ ରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ Bensulfuron-methyl + Pretilachlor @ ଏକର ପ୍ରତି ୪ କେଜି ହିସାବ ରେ ୫ ରୁ ୮ ଦିନ ପରେ ପ୍ରୟୋଗ କରନ୍ତୁ । □ ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥା ସମୟରେ ଧଳାମାଛି, ଜଉ ପୋକ ଓ ପତ୍ର ଡିଆଁ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ । □ ଆଖୁ ଫସଲ ଅଧିକ ପରିମାଣ ରେ ଖାଦ୍ୟସାର ଗ୍ରହଣ କରିଥାଏ । ଆଖୁ ଲଗାଇବା ପୂର୍ବ ରୁ ଶେଷ ଓଡ ସମୟରେ ଏକର ପ୍ରତି ୪-ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଆଖୁ ଲଗାଇବା ସମୟରେ ସିଆର ରେ ୮୭- କିଲୋଗ୍ରାମ ଡିଏପି ଓ ୨୦-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ ଏବଂ ସିଆର ରେ ୨-୩ ଇଞ୍ଚ ମାଟିଘୋଡାଇ ଆଖୁ ବିହନ ଲଗାନ୍ତୁ । □ ଟମାଟୋ ଫସଲ ରେ ସଅଳ ପତ୍ର ପୋଡା ଏବଂ ଉଛୁର ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୫୦୦ -ଗ୍ରାମ Zineb ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ୭ ଦିନ ଅନ୍ତର ରେ ୨ ରୁ୩ ଥର ସିଂଚନ କରନ୍ତୁ । □ ପିଆଜ ତଳି ରୋଇବାର ୧୫-୨୦ ଦିନ ହୋଇଯାଇଥିଲେ କୋଡାଖୁସା କରି ଏବଂ ଘାସ ବାଛି ଏକର ପ୍ରତି ୩୦- କିଲୋଗ୍ରାମ ୟୁରିଆ ସାର ଏବଂ ୧୫-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ତଳି ରୋଇବାର ୪୫-୫୦ ଦିନ ବେଳକୁ ଆଉଥରେ କୋଡାଖୁସା କରି ଏବଂ ଘାସ ବାଛି ଏକର ପ୍ରତି ୩୦- କିଲୋଗ୍ରାମ ୟୁରିଆ ସାର ଏବଂ ୧୫-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ଯେଉଁ ଚାଷୀ ଭାଇ ମାନେ ଧାନ ରୁଆ କାମ ସାରି ଦେଇଛନ୍ତି ଧାନ ରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ Bensulfuron-methyl + Pretilachlor @ ଏକର ପ୍ରତି ୪ କେଜି ହିସାବ ରେ ୫ ରୁ ୮ ଦିନ ପରେ ପ୍ରୟୋଗ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ପିଲସାର ପ୍ରୟୋଗ ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ଧାନ ତଳି ରୋଇସାରିଛନ୍ତି ତେବ ଅଧିକ ଅମଳକ୍ଷମ ଧାନ କିସମ ପାଇଁ ପିଲ ସାର ହିସାବରେ ଧାନ ରୋଇବାର 3 ସପ୍ତାହ ବେଳ କୁ ଏକର ପ୍ରତି ୩୫ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । □ କାଣ୍ଡ ବିନ୍ଧା ପୋକ ଧାନ ଫସଲ ରେ କାଣ୍ଡ ବିନ୍ଧା ପୋକ ର ପ୍ରଜାପତି ଦେଖାଦେଲେ ଏକର ପ୍ରତି ୮-କିଲୋଗ୍ରାମ Cartap hydrochloride ୪G ନାମକ ଦାନାଦାର କୀଟନାଶକ କିମ୍ବା ୧୦-କିଲୋଗ୍ରାମ Fipronil ନାମକ ଦାନାଦାର କୀଟନାଶକ କିମ୍ବା ୪-କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କିମ୍ବା ୬-କିଲୋଗ୍ରାମ Imidacloprid ନାମକ ଦାନାଦାର ର କୀଟନାଶକ ,ସମାନ ଓଜନ ର ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ । |
| ବାଦାମ | □ ଅଗ୍ରମୁକୁଳ ପୋଡା ରୋଗ ଅଗ୍ରମୁକୁଳ ପୋଡା ରୋଗ ଏକ ଭୁତାଣୁ ଜନିତ ରୋଗ ଏବଂ ଉକୁଣିଆ ପୋକ ଦ୍ୱାରା ବ୍ୟାପିଥାଏ । ଏହାର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid କିମ୍ବା ୬୦ ମିଲି Imidachloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ମୁଗ | ☐ ଜଉ ପୋକ ମୁଗ ଓ ବିରି ଫସଲରେ ବର୍ତମାନ ସମୟ ରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି । ମୁଗ ଓ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଜଉ ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid କିମ୍ବା ୬୦ ମିଲି Imidachloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ☐ ବିହନ ସଢ଼ା ଆଖୁ ଲଗାଇବା ପରେ ମୁଖ୍ୟ ଜମିରେ ଏହି ରୋଗ ଦେଖାଦେଲେ ଏକର ପ୍ରତି ୪୦୦-ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ, ୨୦୦- ଲିଟର ପାଣିରେ ମିଶାଇ ମାଟି କୁ ଭଲ ଭାବରେ ଭିଜାନ୍ତୁ କିମ୍ବା ୪୦୦-ଗ୍ରାମ Metalaxyl ଓ Mancozeb ର ମିଳିତ ଫିମ୍ପିନାଶକ, ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ☐ ଛୋଟ ପତ୍ର ରୋଗ ବାଇଗଣ ର ଛୋଟ ପତ୍ର ରୋଗ ମାଇକୋପ୍ଲାଜମା ନାମକ ଏକ ଅଣୁଜୀବ ଜନିତ ରୋଗ । ପତ୍ରଡିଆଁ ପୋକ ଏହି ରୋଗର ବାହକ ଅଟେ । ବାଇଗଣ ର ଛୋଟ ପତ୍ର ରୋଗର ପରିଚାଳନା ପାଇଁ ପ୍ରଥମେ ଜମି ରୁ ରୋଗାକ୍ରାନ୍ତ ଗଛ ଗୁଡକୁ ଓପାଡି ଦୂରରେ ପୋତିଦିଅନ୍ତୁ। ଏହି ରୋଗର ବାହକ ପତ୍ରଡିଆଁ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୬୦ ଗ୍ରାମ Flonicamid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଲଙ୍କାମରିଚ | ☐ ଅଷ୍ଟପଦୀ ପୋକ ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଲଙ୍କା | ☐ ଅଷ୍ଟପଦୀ ପୋକ ଲଙ୍କାମରିଚ ଫସଲରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି Ethion ନାମକ କୀଟନାଶକ କିମ୍ବା ୨୦୦ ମିଲି Spiromesifen ନାମକ କୀଟନାଶକ କିମ୍ବା ୬୦୦ ମିଲି Propargite ନାମକ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ବନ୍ଧାକୋବି | ☐ ଅଲ୍ଟରନେରିଆ ପତ୍ରଦାଗ ରୋଗ ବର୍ତମାନ ସମୟରେ ପାଗ ଯୋଗୁଁ କୋବି ଜାତୀୟ ଫସଲ ରେ ଅଲ୍ଟରନେରିଆ ପତ୍ରଦାଗ ରୋଗ ଦେଖା ଦେବାର ସମ୍ଭାବନା ରହିଛି । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ carbendazim ଓ Mancozeb ର ମିଳିତ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ପିଆଜ | ☐ ଉକୁଣି ପୋକ ଏକର ପ୍ରତି 40- ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା 50- ଗ୍ରାମ Acetamiprid ନାମକ କୀଟନାଶକ, 200ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପିଆଜ ଗଛର ପତ୍ର ସିଧା ଓ ଅଧିକ ଚିକ୍କଣ ହୋଇଥିବାରୁ ଔଷଧ ସିଂଚନ କଲାପରେ ତଳକୁ ଖସିଆସେ । ତେଣୁକୀଟନାଶକ ସହ sticker କିମ୍ବା spreader ମିଶାଇ ସିଂଚନ କରନ୍ତୁ । |
| କଦଳୀ | ☐ ପାନାମା ଝାଉଂଳା ରୋଗ ପ୍ରତି 10-ଲିଟର ପାଣିରେ 10- ଗ୍ରାମ Carbendazim ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣରେ ପୁଆ ଗୁଡିକୁ ବୁଡାଇ ବିଶୋଧନ କରନ୍ତୁ । ପୁଆ ଲେଗଇବାର 5 ମାସ ପରେ ପ୍ରତି 2 ମାସରେ ଥରେ ପ୍ରତି 10-ଲିଟର ପାଣିରେ 10- ଗ୍ରାମ ହିସାବରେ Carbendazim ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣରେ ଗଛ ମଳୂମାଟିକୁ ଭଲ ଭାବେର ଭିଜାନ୍ତୁ । ଏହି ରୋଗ ଲାଗିବାର ଦେଖାଦେଲେ ଗଛ କୁ କାଟି ପୋତି ଦିଅନ୍ତୁ କିମ୍ବା ଓପାଡି ଦିଅନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | □ ଚର୍ମବିଣ୍ଡି ରୋଗ ବର୍ତମାନ ଗାଈ ଗୋରୁଙ୍କ ଠାରେ ଚର୍ମବିଣ୍ଡି ରୋଗ ବ୍ୟାପୁଛି । ଏହି ରୋଗ ର ଲକ୍ଷଣ ରେ ଦେହ ରେ ଆବୁ ଫଳି ଯିବା ସହ ଜ୍ୱର ଆସିଥାଏ ଓ ଦୁଗ୍ଧ ଉତ୍ପାଦନ କମିଯାଇଥାଏ । ଏହି ରୋଗ ମୁଖ୍ୟତଃ ମଶା, ମାଛି ଓ ଡାଆଁସ ଦ୍ୱାରା ବ୍ୟାପିଥାଏ । ତେଣୁ ଗୁହାଳ ପରିସରକୁ ସଫା ରଖନ୍ତୁ । ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକ ଙ୍କ ସହ ଯୋଗା ଯୋଗ କରନ୍ତୁ । |

**ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| କୌଣସି ଚେତାବନୀ ନାହିଁ । |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**